# ରାଧା ସଙ୍ଗେ ବିହରେ ଗିରିଧାରୀ

ରାଧା ସଙ୍ଗେ ବିହରେ ଗିରିଧାରୀ
ଶ୍ୟାମ ବଂଶୀବଦନ ବନଚାରୀ
ମନ ଲାଗେ ଭାରି
ତନୁ ଲାଗେ ଭାରି
ଅଙ୍ଗ ଲାଗେ ଭାରି
ସଙ୍ଗ ଲାଗେ ଭାରି
କିମିତି ଯିବିରେ କାହ୍ନା ହୁଅଇ ଘାରି
କିମିତି ଯିବି ଶ୍ୟାମ ତୋ ଗୋପ ନଗରୀ

ରାଧା ସଙ୍ଗେ ବିହରେ ଗିରିଧାରୀ
ଶ୍ୟାମ କଦମ୍ବ ମୂଳିଆ ବନଚାରୀ
ଧୀରେ ଚାଲେ ଚାଲି
ଲାଗେ ଡେରି ଡେରି
ସଅଳରେ ଚାଲି
ଗଲେ ଶ୍ରମ ଭାରି
ରାଧା ମନ ଚୋର ଗିରିଧାରୀ
କେମିତି ଯିବିରେ ଶ୍ୟାମ ଦୂର ନଗରୀ

ରାଧା ସଙ୍ଗେ ବିହରେ ଗିରିଧାରୀ
କାହ୍ନା ନଟ କପଟିଆହୁଏ ଭାରି
ନିଶାରାତେ ଗଲେ
ଡର ଲେଖା ଭାଲେ
ଦିନେ ଗଲେ ଥରେ
ଅପବାଦେ ମରେ
କେବେ ଯିବି କାହ୍ନା ତୋର ଦୂର ନଗରୀ
କିମିତି ଯିବିରେ ଶ୍ୟାମ ତୋ ଗୋପ ନଗରୀ

ତୁଯେ ଯାମଳା ଅର୍ଜୁନ ଅସୁରାରୀ
ରାଧା ପ୍ରାଣ ବଲ୍ଲଭ ବନମାଳୀ
ଥିଲେ ସଖି ସଙ୍ଗେ
ଲାଜେ ଲାଗେ ଅଙ୍ଗେ
ଏକା ଗଲେ କେବେ
କଳଙ୍କରେ ବୁଡେ
କିମିତି ଯିବି ରେ ଶ୍ୟାମ ହୁଅଇ ଘାରି
କେମିତି ଯିବି ଶ୍ୟାମ ତୋ ଦୂର ନଗରୀ
ତୋର ଗୋପ ନଗରୀ ❑ ❑ ❑